ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/CEO (OD)/ 155/24-02-2025**

# ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୁଇଦିନିଆ ସମ୍ମିଳନୀ ଭାରତୀୟ ନିର୍ବାଚନ କମିଶନ ଆନୁକୂଲ୍ୟରେ ମାର୍ଚ୍ଚ ୪ ଓ ୫ରେ ନୂଆଦିଲ୍ଲୀଠାରେ ଆୟୋଜିତ ହେବ

ଭୁବନେଶ୍ୱର : ୨୪ /୦୨/ ୨୦୨୫

ଭାରତୀୟ ନିର୍ବାଚନ କମିଶନ ଆନୁକୂଲ୍ୟରେ ୨୦୨୫ ମାର୍ଚ୍ଚ ୪ ଓ ୫ ତାରିଖରେ ନୂଆଦିଲ୍ଲୀସ୍ଥିତ ଭାରତ ଅନ୍ତର୍ଜାତୀୟ ଗଣତନ୍ତ୍ର ଓ ନିର୍ବାଚନ ପ୍ରବନ୍ଧନ ସଂସ୍ଥାନ (ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକ୍ସନ୍ ମ୍ୟାନେଜମେଣ୍ଟ)ଠାରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଏକ ଦୁଇଦିନିଆ ସମ୍ମିଳନୀ ଆୟୋଜିତ ହେବ ।

ଶ୍ରୀ ଜ୍ଞାନେଶ କୁମାର ମୁଖ୍ୟ ନିର୍ବାଚନ କମିଶନର ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ଏହା ହେବ ପ୍ରଥମ ସମ୍ମିଳନୀ । ପ୍ରଥମ ଥର ପାଇଁ, ମୁଖ୍ୟ ନିର୍ବାଚନ ଅଧିକାରୀ (CEO) ମାନଙ୍କୁ ଜଣେ ଜିଲ୍ଲା ନିର୍ବାଚନ ଅଧିକାରୀ (DEO) ଏବଂ ଜଣେ ନିର୍ବାଚନ ରେଜିଷ୍ଟ୍ରେସନ ଅଧିକାରୀଙ୍କୁ (ERO) ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାମ୍ବିଧାନିକ କର୍ତ୍ତୃପକ୍ଷ ଭାବରେ, ରାଜ୍ୟ, ଜିଲ୍ଲା ଏବଂ ବିଧାନସଭା ନିର୍ବାଚନ କ୍ଷେତ୍ର ସ୍ତରରେ ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଓ ନିର୍ବାଚନ ରେଜିଷ୍ଟ୍ରେସନ ଅଧିକାରୀମାନେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ।

ଏହି ଦୁଇଦିନିଆ ସମ୍ମିଳନୀ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ନିର୍ବାଚନ ଅଧିକାରୀମାନଙ୍କୁ ପରସ୍ପରର ଅଭିଜ୍ଞତାରୁ ମାନସ ମନ୍ଥନ ଏବଂ ପାରସ୍ପରିକ ଶିକ୍ଷା ପାଇଁ ଏକ ମଞ୍ଚ ପ୍ରଦାନ କରିବ । ସମ୍ମିଳନୀର ପ୍ରଥମ ଦିନରେ ଆଧୁନିକ ନିର୍ବାଚନ ପରିଚାଳନାର ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଆଲୋଚନା ହେବ ଯେଉଁଥିରେ ସୂଚନା ପ୍ରଯୁକ୍ତି ସଂରଚନା, ପ୍ରଭାବଶାଳୀ ଯୋଗାଯୋଗ, ସାମାଜିକ ଗଣମାଧ୍ୟମ ପ୍ରସାର ବୃଦ୍ଧି ଏବଂ ନିର୍ବାଚନ ପ୍ରକ୍ରିୟାରେ ବିଭିନ୍ନ କାର୍ଯ୍ୟକର୍ତ୍ତାଙ୍କ ସାମ୍ବିଧାନିକ ଭୂମିକା ଅନ୍ତର୍ଭୁକ୍ତ । ଦ୍ୱିତୀୟ ଦିନରେ, ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀମାନେ ପ୍ରଥମ ଦିନର ପ୍ରସଙ୍ଗଭିତ୍ତିକ ଆଲୋଚନା ଉପରେ ସେମାନଙ୍କର କାର୍ଯ୍ୟ ଯୋଜନା ଉପସ୍ଥାପନ କରିବେ ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ